भारतीय प्रौद्योगिकी संस्थान भुवनेश्वर
Indian Institute of Technology Bhubaneswar

Press Release

ଗବେଷଣା ଏବଂ ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ସିଏସଆଇଆର-ସିବିଆରଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୬ ଜୁନ୍ ୨୦୨୬: ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ସିଏସଆଇଆର–କେନ୍ଦ୍ରୀୟ ନିର୍ମାଣ ଗବେଷଣା ପ୍ରତିଷ୍ଠାନ (ସିଏସଆଇଆର-ସିବିଆରଆଇ), ରୁର୍କି ମଧ୍ୟରେ ନିର୍ମାଣ ବିଜ୍ଞାନ, ସିଭିଲ୍ ଇଞ୍ଜିନିୟରିଂ, ସ୍ଥାୟୀ ଭିତ୍ତିଭୂମି ଏବଂ ସମ୍ପର୍କିତ ବିଷୟଗୁଡ଼ିକରେ ସହଯୋଗାତ୍ମକ ଗବେଷଣା, ଶୈକ୍ଷିକ ବିନିମୟ ଓ ନବସୃଜନକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଛି। ଏହି ଏମଓୟୁ ୧୫ ଜୁନ୍ ୨୦୨୬ ତାରିଖରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ସିଏସଆଇଆର-ସିବିଆରଆଇର ନିର୍ଦ୍ଦେଶକ ପ୍ରଫେସର ଆର୍. ପ୍ରଦୀପ କୁମାରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ପ୍ରଫେସର ଭି. ପାଣ୍ଡୁ ରଙ୍ଗା, ଡିନ୍-ଇନ୍-ଚାର୍ଜ (ପ୍ରାୟୋଜିତ ଗବେଷଣା ଏବଂ ଔଦ୍ୟୋଗିକ ପରାମର୍ଶ); ପ୍ରଫେସର ସୁମନ୍ତ ହାଲଦାର, ମୁଖ୍ୟ, ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକ୍ଚର; ଡ଼. ଡି. ପି. କାନୁନଗୋ, ମୁଖ୍ୟ, ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ ଏବଂ ଜିଓହାଜାର୍ଡସ୍ ଗ୍ରୁପ୍, ସିଏସଆଇଆର-ସିବିଆରଆଇ, ରୁର୍କି; ଡ଼. ଏସ୍. କେ. ପାଣିଗ୍ରାହୀ, ମୁଖ୍ୟ, ପ୍ରଯୁକ୍ତି ଓ ବ୍ୟବସାୟ ବିକାଶ ଗ୍ରୁପ୍, ସିଏସଆଇଆର-ସିବିଆରଆଇ, ରୁର୍କି; ଏବଂ ଡ଼. କିଶୋର କୁଲକର୍ଣ୍ଣୀ, ବୈଜ୍ଞାନିକ 'ଇ', ସିଏସଆଇଆର-ସିବିଆରଆଇ, ରୁର୍କି ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସହଭାଗିତାର ଲକ୍ଷ୍ୟ ହେଉଛି ଉଭୟ ସଂସ୍ଥାର ଦକ୍ଷତା ଓ ସମ୍ପଦକୁ ଉପଯୋଗ କରି ଷ୍ଟ୍ରକ୍ଚରାଲ୍ ଇଞ୍ଜିନିୟରିଂ, ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ, ଇଞ୍ଜିନିୟରିଂ ଭୂବିଜ୍ଞାନ, ସ୍ଥାପତ୍ୟ ଏବଂ ଯୋଜନା, ପରିବେଶ ଇଞ୍ଜିନିୟରିଂ, ବିପର୍ଯ୍ୟୟ ପ୍ରଶମନ ଏବଂ ସ୍ଥାୟୀ ନିର୍ମାଣ ପ୍ରଯୁକ୍ତି ଭଳି କ୍ଷେତ୍ରରେ ଗବେଷଣାକୁ ଅଗ୍ରସର କରିବା ଓ ଦକ୍ଷ ମାନବ ସମ୍ପଦ ଗଠନ କରିବା।

ଏହି ଏମଓୟୁ ଅନୁଯାୟୀ, ଆଇଆଇଟି ଭୁବନେଶ୍ୱର ଏବଂ ସିଏସଆଇଆର-ସିବିଆରଆଇ ମିଳିତ ଗବେଷଣା କାର୍ଯ୍ୟକଳାପ ଗ୍ରହଣ କରିବେ, ସମ୍ମିଳନୀ ଓ ସେମିନାର ଆୟୋଜନ କରିବେ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଇଣ୍ଟର୍ନଶିପ୍ ସୁବିଧା ପ୍ରଦାନ କରିବେ, ଏବଂ ଛାତ୍ର ପ୍ରକଳ୍ପ ଓ ଗବେଷଣା କାର୍ଯ୍ୟର ମିଳିତ ମାର୍ଗଦର୍ଶନକୁ ପ୍ରୋତ୍ସାହନ ଦେବେ। ଏହି ଚୁକ୍ତି ମାଧ୍ୟମରେ ଗବେଷଣା ସୁବିଧା, ପରୀକ୍ଷାଗାର ଭିତ୍ତିଭୂମି, ସଫ୍ଟୱେର ସମ୍ପଦ ଏବଂ ପୁସ୍ତକାଳୟ ସେବାର ଆଦାନ-ପ୍ରଦାନ ମଧ୍ୟ ସମ୍ଭବ ହେବ, ଯାହା ଶୈକ୍ଷିକ ଏବଂ ଗବେଷଣାମୂଳକ ସହଭାଗିତାକୁ ସୁଦୃଢ଼ କରିବ।

ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର କହିଥିଲେ ଯେ, ଏହି ସହଯୋଗ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକମାନଙ୍କ ପାଇଁ ଜାତୀୟ ଗୁରୁତ୍ୱର ଚ୍ୟାଲେଞ୍ଜଗୁଡ଼ିକ ଉପରେ କାମ କରିବାର ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ଦୃଢ଼ ଓ ସ୍ଥାୟୀ ଭିତ୍ତିଭୂମି ଗଠନରେ ଅବଦାନ ରଖିବ।

ସିଏସଆଇଆର-ସିବିଆରଆଇର ନିର୍ଦ୍ଦେଶକ ପ୍ରଫେସର ଆର୍. ପ୍ରଦୀପ କୁମାର କହିଥିଲେ ଯେ, ଏହି ସହଭାଗିତା ଉଭୟ ସଂସ୍ଥାର ଶକ୍ତିକୁ ଏକତ୍ର କରି ନିର୍ମାଣ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉଚ୍ଚମାନର ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବ।

ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ (ସିଏସଆଇଆର) ଅଧୀନରେ ଥିବା ଏକ ପ୍ରମୁଖ ଜାତୀୟ ପରୀକ୍ଷାଗାର ଭାବେ ସିଏସଆଇଆର-ସିବିଆରଆଇ ନିର୍ମାଣ ସାମଗ୍ରୀ, ଆବାସନ, ଷ୍ଟ୍ରକ୍ଚରାଲ୍ ଇଞ୍ଜିନିୟରିଂ, ଶକ୍ତି-ଦକ୍ଷ ଭବନ, ଅଗ୍ନି ନିରାପତ୍ତା ଏବଂ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। ଜାତୀୟ ଗୁରୁତ୍ୱର ଏକ ଅନୁଷ୍ଠାନ ଭାବେ ଆଇଆଇଟି ଭୁବନେଶ୍ୱର ଶିକ୍ଷା, ଗବେଷଣା ଏବଂ ପ୍ରଯୁକ୍ତିଗତ ନବସୃଜନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ସ୍ୱୀକୃତ।

ଏହି ଏମଓୟୁ ପ୍ରାରମ୍ଭିକ ଭାବରେ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ ରହିବ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଗବେଷଣା, ନବସୃଜନ ଏବଂ କ୍ଷମତା ବିକାଶ ପାଇଁ ଦୀର୍ଘମିଆଦୀ ସହଯୋଗର ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି।